**Lang. Code : 14**

# AAT-20-II

**प्रश्न-पत्र II / PAPER II**

**उड़िया भाषा परिशिष्ट**

**Odia Language Supplement**

**भाग IV & V / PART IV & V**

परीक्षा पुस्तिका संकेत
**Test Booklet Code**

# M

परीक्षा पुस्तिका संख्या
**Test Booklet No.**

इस पुस्तिका में **20** पृष्ठ हैं ।
This booklet contains **20** pages.

**इस परीक्षा पुस्तिका को तब तक न खोलें जब तक कहा न जाए ।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**
**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

| **परीक्षार्थियों के लिए निर्देश** | ***INSTRUCTIONS FOR CANDIDATES*** |
|---|---|
| 1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** । | 1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**. |
| 2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से । | 2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them. |
| 3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं । | 3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately. |
| 4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें । | 4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet. |
| 5. इस भाषा पुस्तिका का **संकेत** है **M** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ । | 5. The CODE for this Language Booklet is **M**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet. |
| 6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :<br>भाग-IV : भाषा-I (उड़िया) (प्र. 91 से प्र. 120)<br>भाग-V : भाषा-II (उड़िया) (प्र. 121 से प्र. 150) | 6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :<br>Part-IV : Language-I (Odia) (Q. 91 to Q. 120)<br>Part-V : Language-II (Odia) (Q. 121 to Q. 150) |
| 7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।** | 7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.** |
| 8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।** | 8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.** |
| 9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें । | 9. Rough work should be done only in the space provided in the Test Booklet for the same. |
| 10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है । | 10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers. |

परीक्षार्थी का नाम (बड़े अक्षरों में) : ______________________
Name of the Candidate (in Capitals) :

अनुक्रमांक : (अंकों में) ______________________
Roll Number : in figures
: (शब्दों में) ______________________
: in words

परीक्षा केन्द्र (बड़े अक्षरों में) : ______________________
Centre of Examination (in Capitals) :

परीक्षार्थी के हस्ताक्षर : ______________ निरीक्षक के हस्ताक्षर : ______________
Candidate's Signature : Invigilator's Signature :

Facsimile signature stamp of
Centre Superintendent ______________________

**M**

**Lang. Code : 14**

# AAT-20-II

ପରୀକ୍ଷା ପୁସ୍ତକ କୋଡ

**M**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର II
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା **19 & 20**) ଦିଆଯାଇଥିବା ନିର୍ଦ୍ଦେଶ ଭଲ ଭାବରେ ପଢ଼ନ୍ତୁ ।

ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀ ଭାଗ I ଓ ଭାଗ II **ଅଥବା** ଭାଗ III ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **M** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ____________________

: ଶବ୍ଦରେ ଲେଖନ୍ତୁ ____________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର ____________________

Facsimile signature stamp of

Centre Superintendent : ____________________

ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120],** if they have opted **ODIA** as **LANGUAGE – I** only.

ଭାଗ – **IV**

ଭାଷା – **I**

ଓଡ଼ିଆ

> ପରୀକ୍ଷାର୍ଥୀ ଭାଷା – **I** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **IV** ରେ (ପ୍ରଶ୍ନ ସଂଖ୍ୟା **91-120**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ ।

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନସଂଖ୍ୟା 91 – 99 ର ଉତ୍ତର ପ୍ରଦାନ କର ।**

"ବିଚାର କର, ହ୍ରସ୍ୱ, ଦୁର୍ବଳ କୋମଳ ହସ୍ତପଦ ଘେନି ଯେତେବେଳେ ତୁମ୍ଭେ ପୃଥିବୀରେ ପ୍ରଥମ ପଡ଼ିଲ, ସ୍ୱାଧୀନ ଭାବରେ ହସ୍ତପଦ ଚଳାଇଲ, ସେତେବେଳେ ମଧ୍ୟ ଏହି କଠୋର ତାଡ଼ନା ତୁମ୍ଭର ହସ୍ତପଦକୁ ସବଳ ଓ ସୁଦୃଢ଼ କରିଅଛି । ପୃଥିବୀରେ ପଡ଼ିବା ମାତ୍ରେ ତୁମ୍ଭେ ଅବୟବର ସ୍ୱାଧୀନ ଲୀଳାରେ ପୃଥିବୀ ଉପରେ ହସ୍ତପଦ ଆଘାତ କଲ । ପୃଥିବୀ ସଙ୍ଗେ ସଙ୍ଗେ ତୁମ୍ଭର ସେ କଠୋର ପଦାଘାତକୁ ଶାସନ କଲେ । ତୁମ୍ଭେ ପଦାଘାତ କରିସାରି ଯନ୍ତଣାରେ କାନ୍ଦି ଉଠିଲ । ବୋଧହୁଏ ବିଚାରିଲ–ଓଃ ! କି ଦୁଃଖ ! ମୋର ହସ୍ତପଦର ସ୍ୱାଧୀନ କ୍ରୀଡ଼ାରେ ଏ କି ଅବୈଧ ପ୍ରତିବନ୍ଧକ ! କିନ୍ତୁ ଯେ ପ୍ରତିବନ୍ଧକ ନ ଥିଲେ, ଏହିପରି ପ୍ରତ୍ୟେକ ଅଙ୍ଗଚାଳନାରେ ପ୍ରକୃତି ତୁମ୍ଭର ତାଡ଼ନା କରି ନ ଥିଲେ ତୁମ୍ଭର ହସ୍ତପଦ ସବଳ ହୋଇ ନଥାନ୍ତା । ସେତିକି ନୁହେଁ, ପୁଣି ଦେଖ, କିଛି ଦିନ ପରେ ତାଡ଼ନା ସହି ସହି ତୁମ୍ଭେ ଯେତେବେଳେ ମୁଣ୍ଡ ଉଠାଇ ଛିଡ଼ାହେବାକୁ ଚେଷ୍ଟା କଲ, ସେତେବେଳେ ପ୍ରକୃତି ତୁମ୍ଭର ସ୍ୱାଧୀନତା ସହିଲେ ନାହିଁ । ତୁମ୍ଭେ ବାରମ୍ବାର ଉଠି ପଡ଼ିଲ । ପ୍ରକୃତି ତୁମ୍ଭକୁ ତୁମ୍ଭ ସ୍ୱାଧୀନତାରେ ବାରମ୍ବାର ଶାସନ କଲେ । ସେ ଶାସନର ଦୁଃଖ ସହି ତୁମ୍ଭେ କ୍ରମେ କ୍ରମେ ହସ୍ତପଦାଦିର ଯେ ସ୍ୱାଧୀନ ବ୍ୟବହାର ଲୋଡୁଥିଲ, ତାହା କରିବାକୁ ସମର୍ଥ ହୋଇଅଛ । ସେଥିପାଇଁ କହେ, ତାଡ଼ନା ବିନା ଓ ଶାସନ ବିନା ସ୍ୱାଧୀନତା ନାହିଁ । ଶାସନର ସଂଯମ ନ ଥିଲେ ସ୍ୱାଧୀନତା ଗୋଟିଏ ବିଶୃଙ୍ଖଳ ସ୍ୱେଚ୍ଛାଚାରିତା । ସେ ସ୍ୱେଚ୍ଛାଚାରିତାରେ ଜୀବନର ଗଠନ ଅସମ୍ଭବ ।

**91. କ'ଣ ଶିଶୁର କୋମଳ ହସ୍ତପଦକୁ ସବଳ ଓ ସୁଦୃଢ଼ କରିଥାଏ ?**

(1) ପ୍ରଚଣ୍ଡ ଯନ୍ତ୍ରଣା

(2) କଠୋର ତାଡ଼ନା

(3) ପିତାମାତାଙ୍କର ଅଜସ୍ର ସ୍ନେହ

(4) ପରିବେଶରେ ଅନ୍ୟମାନଙ୍କର ସାହାଯ୍ୟ

**92. ଗଦ୍ୟାଂଶଟିରେ ବ୍ୟବହୃତ 'ଅବୈଧ' ଶବ୍ଦର ଅର୍ଥ କ'ଣ ?**

(1) ନିୟମ ବିରୁଦ୍ଧ

(2) କୌତୁହଳ

(3) ଅସଫଳତା

(4) ବିଶୃଙ୍ଖଳ

**93. "ପୃଥିବୀରେ ପଡ଼ିବା ମାତ୍ରେ" – ରେଖାଙ୍କିତ ଶବ୍ଦଟି କେଉଁ ବିଭକ୍ତିର ଉଦାହରଣ ହୋଇପାରିବ ?**

(1) ପ୍ରଥମା

(2) ତୃତୀୟା

(3) ପଞ୍ଚମୀ

(4) ସପ୍ତମୀ

**94. ଗଦ୍ୟାଂଶଟିରେ 'ସ୍ୱାଧୀନତା' ଅର୍ଥ ପ୍ରକାଶ କରୁଥିବା ଅନ୍ୟ ଶବ୍ଦଟି କ'ଣ ?**

(1) ହସ୍ତପଦ ଚାଳନ

(2) କଠୋର ପଦାଘାତ

(3) ସ୍ୱେଚ୍ଛାଚାରିତା

(4) ପ୍ରତିବନ୍ଧକ

**95. କେଉଁଭାବରେ ଶିଶୁଟି ପୃଥିବୀ ପୃଷ୍ଠରେ ହସ୍ତପଦ ଆଘାତ କରିଥାଏ ?**

(1) ସ୍ୱେଚ୍ଛାଚାରିତା ଭାବ ପ୍ରକାଶ କରି

(2) ତାଡ଼ନା ସହି ଚେଷ୍ଟା କରିବାଦ୍ୱାରା

(3) ଅବୟବର ସ୍ୱାଧୀନ ଲୀଳାରେ

(4) ଯନ୍ତ୍ରଣାରେ କାନ୍ଦି

**96. କେଉଁ ସମୟରେ ଶିଶୁ ଅବୈଧ ପ୍ରତିବନ୍ଧକ ଅନୁଭବ କରେ ?**

(1) ପୃଥିବୀରେ ଜନ୍ମନେବା ପରେ

(2) ପଦାଘାତଦ୍ୱାରା ଯନ୍ତ୍ରଣା ପାଇବା ପରେ

(3) ମୁଣ୍ଡ ଉଠାଇ ଛିଡ଼ା ହେବାକୁ ଚେଷ୍ଟା କରିବା ବେଳେ

(4) ଅଙ୍ଗଚାଳନାକରି ଆନନ୍ଦ ଉପଭୋଗ କଲାବେଳେ

**97. କେଉଁ କାରଣରୁ ଜୀବନ ଗଠନ ଅସମ୍ଭବ ହୋଇ ପଡ଼େ ?**

(1) ସ୍ୱାଧୀନ ଭାବରେ ହସ୍ତପଦ ଚଳାଇବାଦ୍ୱାରା

(2) ପଦାଘାତକରି କାନ୍ଦିଉଠିବାଦ୍ୱାରା

(3) ସ୍ୱେଚ୍ଛାଚାରିତରେଜୀବନ ଅତିବାହିତ କରିବାଦ୍ୱାରା

(4) ଶାସନର ଦୁଃଖ ସହ୍ୟ କରିବାଦ୍ୱାରା

**98. "ଓଃ! କି ଦୁଃଖ!" _____ ଏହା କେଉଁ ଭାବ ପ୍ରକାଶ କରିଥାଏ ?**

(1) ସମ୍ଭାବନା

(2) ନାସ୍ତିବାଚକ

(3) ପ୍ରଶ୍ନବାଚକ

(4) ବିସ୍ମୟସୂଚକ

**99. 'ହ୍ରସ୍ୱ' ର ବିପରୀତାର୍ଥକ ଶବ୍ଦଟି କ'ଣ ?**

(1) ଲମ୍ବ

(2) ଦୀର୍ଘ

(3) ପ୍ରଶସ୍ତ

(4) ଗଭୀର

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 – 105 ର ଉତ୍ତର ପ୍ରଦାନ କର :**

ଏଥି ଆଉ ମାନ କିପାଁ ?
　　ଗୁରୁଧ୍ୱାନ ଆକାଶର ତଳେ ?
ଏଥି ପରା କୋଟି ହିୟା
　　ପ୍ରେମଦାନେ କାନ୍ଦଇ ବିକଳେ !
ବରହୀ ତୁମ୍ଭର ଦେଖ
　　ଗିରିକୁଞ୍ଜେ ଉଚ୍ଚେ ରଚେ କେକା,
ଗୃହିଣୀରେ ଘରେ ରଖି
　　ପରବାସୀ, ନାହିଁ ଯାଏ ଏକା ।
ଧରଣୀ ପୁଲକ ବତ
　　ନୀପଜାଳ ଉଠୁଅଛି ଫୁଟି,
ଯୂଇ କିଆ ମଲ୍ଲୀ ଫୁଲୁ
　　ସଉରଭ ଭାସିଯାଏ ତୁଟି ।
ଆସ ସଖା, ଆଷାଢ଼ର
　　ଆଦ୍ୟ ଦିନେ କରେ ସମ୍ଭାଷଣ,
ଧରଣୀ କାମିନୀ ତାର
　　ଥୋଇଅଛି ପ୍ରୀତି–ଆୟୋଜନ ।

**100. "ବରହୀ" ଶବ୍ଦର ଅର୍ଥ କ'ଣ ?**

(1) ପୃଥିବୀ

(2) ଆକାଶ

(3) ବର୍ଷାଋତୁ

(4) ମୟୂର

**101. କବିତାଟିରେ କେଉଁ ଶବ୍ଦଟିର ଅର୍ଥ କଦମ୍ବଫୁଲକୁ ବୁଝାଏ ?**

(1) ନୀପଜାଳ

(2) କିଆ ମଲ୍ଲୀଫୁଲୁ

(3) ଗୁରୁଧ୍ୱାନ

(4) ପରବାସୀ

**102. କବିତା ପଂକ୍ତିଟିରେ ବ୍ୟବହୃତ କେକାର ସମାର୍ଥକ ଶବ୍ଦଟି କ'ଣ ?**

(1) ହିୟା

(2) ବରହୀ

(3) କାମିନୀ

(4) ପରବାସୀ

**103. "ଗୃହିଣୀରେ, ଘରେ ରଖି ପରବାସୀ, ନାହିଁ ଯାଏ ଏକା" – ଏହାର ଅର୍ଥ ହେବ _____**

(1) ସ୍ୱାମୀକୁ ଛାଡ଼ି ଗୃହିଣୀ ଏକୁଟିଏ ଘରେ ରୁହନ୍ତି

(2) ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ବାସ କରନ୍ତି

(3) ସ୍ତ୍ରୀକୁ ଘରେ ଏକୁଟିଆ ଛାଡ଼ି ସ୍ୱାମୀ ପ୍ରବାସରେ ରହନ୍ତି

(4) ସ୍ତ୍ରୀକୁ ଘରେ ଛାଡ଼ି ସ୍ୱାମୀ ଦେଶାନ୍ତର ଯାଇ ନଥାନ୍ତି

**104. କବିତାଟିରେ କେଉଁ ଭାବ ପ୍ରକାଶରେ ପୃଥିବୀରାଣୀ ଆନନ୍ଦ ବିଭୋର ହେବାର ସୂଚନା ମିଳିଥାଏ ?**

(1) କୋଟି ହିୟା ପ୍ରେମଦାନେ କାନ୍ଦଇ ବିକଳେ

(2) ପରବାସୀ, ନାହିଁ ଯାଏ ଏକା

(3) ନୀପଜାଳ ଉଠିଅଛି ଫୁଟି

(4) ସଉରଭ ଭାସିଯାଏ ତୁଟି

**105. କବି ବର୍ଷର କେଉଁଦିନରେ ପ୍ରକୃତିକୁ ସ୍ୱାଗତ କରିବା କଥା କହିଛନ୍ତି ?**

(1) ବର୍ଷାଋତୁରେ

(2) ଆଷାଢ଼ମାସର ପ୍ରଥମ ଦିନରେ

(3) ଶୀତଋତୁର ଆରମ୍ଭରେ

(4) ବସନ୍ତଋତୁର ଆରମ୍ଭରେ

**ନିର୍ଦ୍ଦେଶ :** ଉପଯୁକ୍ତ ଉତ୍ତରଟି ବାଛି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।

**106. ପ୍ରତ୍ୟେକ ଭାଷାର ନିଜସ୍ୱ ବ୍ୟାକରଣ ରହିଛି ଏବଂ ତାହା ____**

(1) ନିୟମ ଆଧାରିତ

(2) ରାଜ୍ୟଦ୍ୱାରା ନିୟନ୍ତ୍ରିତ

(3) କେନ୍ଦ୍ରଦ୍ୱାରା ନିୟନ୍ତ୍ରିତ

(4) ଲିପିଦ୍ୱାରା ନିୟନ୍ତ୍ରିତ

**107. 'ତ୍ରିଭାଷୀ ନୀତି' ଅନୁଯାୟୀ ତୃତୀୟ ଭାଷାଟି ହେବ _____**

(1) ସାରା ଦେଶରେ ଗୋଟିଏ ଭାଷା

(2) ସଂସ୍କୃତ

(3) ହିନ୍ଦୀ ଓ ଅଣ ହିନ୍ଦୀଭାଷୀ ଅଞ୍ଚଳରେ ଭିନ୍ନ ଭିନ୍ନ

(4) ଯେକୌଣସି ବିଦେଶୀ ଭାଷା

**108. "ବେଟି ବଚାଓ ଓ ବେଟି ପଢାଓ" ର ଏକ ପୋଷ୍ଟର ଶିକ୍ଷକ ଶ୍ରେଣୀକକ୍ଷରେ ଲଗାଇଲେ । ପରେ ପୋଷ୍ଟରକୁ ଭଲଭାବରେ ଦେଖି ତା ବିଷୟରେ ଏକ ଅନୁଚ୍ଛେଦ ଲେଖିବାକୁ ସେ ଶିକ୍ଷାର୍ଥୀଙ୍କୁ କହିଲେ । ଭାଷା ଶିକ୍ଷକ ବ୍ୟବହାର କରିଥିବା ସେ ପୋଷ୍ଟର୍‌କୁ କ'ଣ କୁହାଯିବ ?**

(1) ଯଥାର୍ଥ ସାମଗ୍ରୀ

(2) ସଂହତ ସାମଗ୍ରୀ

(3) ବୈଧ ସାମଗ୍ରୀ

(4) ଅନୁପଯୋଗୀ ସାମଗ୍ରୀ

**109. ଅନର୍ଗଳତାର ଅର୍ଥ _____**

(1) ନିର୍ଭୁଲ ଭାବରେ ଲେଖିପାରିବା

(2) ବ୍ୟାକରଣ ନିୟମକୁ ସରଳ ଓ ପରିଷ୍କାର ଭାବରେ ବୁଝାଇ ପାରିବା

(3) ବାକ୍ୟକୁ ଠିକ୍ ଭାବରେ ଉଚ୍ଚାରଣ କରିବା

(4) ଭଲଭାବରେ କଥନ, ପଠନ ଓ ଲିଖନ ଦ୍ୱାରା ନିଜ ସଂପର୍କରେ କହିବା

**110. ପଠନରେ ନିମ୍ନ–ଉର୍ଦ୍ଧ୍ୱ ପଦ୍ଧତି କାହା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ?**

a. ଧ୍ୱନି

b. ସିଲାବ୍‌ଲ

c. ବାକ୍ୟ

d. ଶବ୍ଦ

e. ଅକ୍ଷର

(1) a, d, e, b, c

(2) a, b, c, d, e

(3) a, e, b, d, c

(4) b, c, a, e, d

111. ଏଥିମଧ୍ୟରୁ କେଉଁଟି ଭାଷା ଆହରଣରେ "ସାମାଜିକ ଆଦାନ ପ୍ରଦାନ" ସୀଦ୍ଧାନ୍ତ ଉପରେ ଆଧାରିତ ?

(1) ଭାଷାଶିକ୍ଷାର୍ଥୀଙ୍କର ବୋଧଗମ୍ୟତା ଅର୍ଥାତ୍ ସାମାନ୍ୟ ଅଧିକ କଠିନ ସ୍ତର ସହିତ ପରିଚୟ

(2) ପାଠ୍ୟଖସଡ଼ା ବହିଃଭୁତ ଭାଷା ଉପରେ ଗୁରୁତ୍ୱ ଦେଇ ଭାଷା ଶିକ୍ଷା

(3) ଅନୁକରଣ ଏବଂ ସୁଦୃଢୀକରଣର ସୁଯୋଗ ମିଳିଲେ ଭାଷା ସହଜରେ ଶିକ୍ଷା କରାଯାଇଥାଏ

(4) ଭାଷା ଶିକ୍ଷାର୍ଥୀଙ୍କୁ ଅନ୍ୟ ସହ ଆଲୋଚନା ଓ ଅର୍ଥ ନିର୍ଦ୍ଧାରଣର ସୁଯୋଗ ପାଇବା

112. ପୂର୍ବାନୁମାନ ଏକ ଉପ–କୌଶଳ ଭାବରେ କାହାସହିତ ଜଡ଼ିତ ?

(1) ଲେଖ ପ୍ରସ୍ତୁତି

(2) ସାରାଂଶ ପ୍ରସ୍ତୁତି

(3) ନୋଟ୍ ବା ଟୀକା ପ୍ରସ୍ତୁତି

(4) ପଠନ

113. କର୍ମ ନିଯୁକ୍ତିରେ ସୁବିଧା ନିମନ୍ତେ ଯେତେବେଳେ ଭାଷା ଶିକ୍ଷା କରାଯାଏ ସେତେବେଳେ ସେମାନଙ୍କର ଭାଷା ଶିକ୍ଷାର ଆଗ୍ରହକୁ ____ କୁହାଯାଏ ।

(1) ଆନ୍ତରିକ

(2) ବାହ୍ୟ

(3) ନିଯୁକ୍ତି କୈନ୍ଦ୍ରିକ

(4) ଅହଂଭାବ କୈନ୍ଦ୍ରିକ

114. ଗୋଟିଏ ସଫଳ ଭାଷା ଶିକ୍ଷା ଶ୍ରେଣୀର ମୁଖ୍ୟ ଉପାଦାନ ହେଲା – ଶିକ୍ଷାର୍ଥୀଙ୍କୁ ____ କରିବାର ସୁଯୋଗ ଦେବା ।

(1) ମୂଲ୍ୟାଙ୍କନ

(2) ଅନୁକରଣ

(3) କଥୋପକଥନ

(4) ତ୍ରୁଟିହ୍ରାସ

115. ସମାବେଶୀ ଶ୍ରେଣୀକକ୍ଷରେ ଶିକ୍ଷାଦାନ ସମୟରେ ଜଣେ ଭାଷା ଶିକ୍ଷକ କ'ଣ କରିବା ଉଚିତ୍ ?

(1) ମେଧାବୀ ଛାତ୍ରଙ୍କୁ ଦୁର୍ବଳ ଛାତ୍ରଙ୍କର ଯତ୍ନନେବାକୁ କହିବା

(2) ବିଭିନ୍ନ ଶିକ୍ଷଣ ଶୈଳୀର ପ୍ରୟୋଗ ଦ୍ୱାରା ସେମାନଙ୍କୁ ଶିକ୍ଷା ଦେବା

(3) ଜଣେ ଦକ୍ଷ ଶିକ୍ଷକଙ୍କୁ ଶିକ୍ଷାଦାନ ନିମନ୍ତେ ନିଯୁକ୍ତି ଦେବା ପାଇଁ ପ୍ରିନ୍ସପାଲଙ୍କୁ ପରାମର୍ଶ ଦେବା

(4) ସେମାନେ ଯେପରି ଧିରସ୍ଥିର ଭାବେ ସ୍କୁଲରେ ଛଅ ଘଣ୍ଟା ବିତାଇବେ ସେଥିପ୍ରତି ଧାନ ଦେବା

116. ଏଥିମଧ୍ୟରୁ କେଉଁଟି ଭାଷା ଦକ୍ଷତା ନିମନ୍ତେ ମୁଖ୍ୟ ?

(1) ଉପଯୁକ୍ତ ଉଚ୍ଚାରଣ ସହିତ ପଠନ

(2) ପ୍ରତ୍ୟେକ ପାଠ୍ୟର ଶେଷରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ନିର୍ଦ୍ଧାରଣ

(3) ନିର୍ଦ୍ଦିଷ୍ଟତା ଓ ଅନର୍ଗଳତା ବୃଦ୍ଧି

(4) ବିନାମୂଲ୍ୟ ଅଥବା ସ୍ୱଳ୍ପମୂଲ୍ୟର ଶିକ୍ଷଣ ସାମଗ୍ରୀର ବ୍ୟବହାର

117. ଜଣେ ସକ୍ଷମ ଭାଷା ଶିକ୍ଷକ ସାଧାରଣତଃ ____ କରିଥାନ୍ତି ।

(1) ଶିକ୍ଷକଙ୍କଦ୍ୱାରା କଥନ ସମୟ ବୃଦ୍ଧି

(2) ଶିକ୍ଷାର୍ଥୀଙ୍କର କଥନ ସମୟ ବୃଦ୍ଧି

(3) ଶିକ୍ଷାର୍ଥୀଙ୍କର କଥନ ସମୟ ହ୍ରାସ

(4) ସମବେତ ଭାବରେ ତଥା ଯୁଗ୍ମଭାବରେ କାର୍ଯ୍ୟର ସମୟହ୍ରାସ

118. ଅକ୍ଷର ସମୃଦ୍ଧ ପରିବେଶ (Print-rich-environment) ____ ଓ ____ ର ମୁଖ୍ୟ ଅଙ୍ଗ ।

(1) ବିଦ୍ୟାଳୟ, ଶ୍ରେଣୀକକ୍ଷ

(2) ପଠନ, ବ୍ୟକ୍ତି

(3) ସ୍ୱାକ୍ଷରତା, ଭାଷା

(4) ନିଜ, ବିଶେଷ

119. ବହୁଭାଷୀକତାକୁ ସଫଳ ଭାବରେ ଗ୍ରହଣ କରିବାର ଅର୍ଥ ____

(1) ଅନେକ ଭାଷାଶିକ୍ଷା

(2) ଶିଶୁର ଭାଷାର ପ୍ରତ୍ୟେକ ଶବ୍ଦ ନିମନ୍ତେ ଅର୍ଥ ପ୍ରଦାନ

(3) ପାଠ୍ୟଖସଡ଼ା ବାହାରେ ଭାଷାର ସନ୍ଧାନ

(4) ଶିକ୍ଷାର୍ଥୀଙ୍କର ଭାଷାର ବ୍ୟବହାର ଉପରେ ଗୁରୁତ୍ୱ

120. ଶ୍ରେଣୀକକ୍ଷରେ ଅଙ୍କିତ୍ ଜଣେ ଦୃଷ୍ଟିହୀନ ଛାତ୍ର । ଜଣେ ଭାଷା ଶିକ୍ଷକ ଭାବେ ଆପଣ କ'ଣ କରିବେ ?

(1) ଅଭ୍ୟାସ ନିମନ୍ତେ ବିଭିନ୍ନ ୱାର୍କସିଟ୍ ଉପରେ ଗୁରୁତ୍ୱ ଦେବେ

(2) ଶିକ୍ଷାଦାନ ସମୟରେ ଅନେକ ଦୃଶ୍ୟ ସାମଗ୍ରୀର ଉପସ୍ଥାପନ କରିବେ

(3) ବିଭିନ୍ନ ପ୍ରକାରର ଇସାରା ଓ ସଙ୍କେତର ବ୍ୟବହାର କରିବେ

(4) ବଳାଘାତ ଓ ବିରାମ ବ୍ୟବହାର କରିବା ସଂଗେ ସଂଗେ ସାମଗ୍ରୀର ସ୍ପର୍ଶ ଓ ଅନୁଭବ ଦେଖାଇ ପରିଷ୍କାର ଭାବରେ କହିବେ

ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150],** if they have opted **ODIA** as **LANGUAGE – II** only.

## ଭାଗ – V

## ଭାଷା – II

## ଓଡ଼ିଆ

ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ ।

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନସଂଖ୍ୟା 121 – 128 ର ଉତ୍ତର ପ୍ରଦାନ କର ।**

ଇତିହାସ ପୃଷ୍ଠାରେ ଆମ୍ଭେମାନେ ସମୟେ ସମୟେ ସଙ୍ଗତିର ଭଙ୍ଗ ଦେଖିବାକୁ ପାଉ । କାରଣ ମନୁଷ୍ୟ ଜୀବନର ଗତି ଏହିପରି ସବୁବେଳେ ସମାନ ନୁହେଁ । ଉତ୍‌ଥାନ ପତନ ଜଗତର ନିୟମ । ଆଲୋକ ସହିତ ଅନ୍ଧକାର, ସୁଖ ସହିତ ଦୁଃଖ, ଯୌବନ ସହିତ ବାର୍ଦ୍ଧକ୍ୟ ସଂପୃକ୍ତ ଥିବାପରି ଉନ୍ନତି ସହିତ ଅବନତି ଜଡ଼ିତ ରହିଅଛି । ତେଣୁ ସୃଷ୍ଟିର ମୁଖ୍ୟ ମୂଳ ସମୂହ ଉଦ୍ଦେଶ୍ୟ ଚିର ଶାନ୍ତି ଉପଲବ୍‌ଧ ହେଲେ ସୁଦ୍ଧା, ଦେଶକାଳ ପାତ୍ର ଅନୁଯାୟୀ, ଉତ୍‌ଥାନ, ପତନ, ଉନ୍ନତି, ଅବନତି ମଧ୍ୟଦେଇ ସମାଜ ବା ଜାତି ଗତି କରିବାକୁ ବାଧ୍ୟ ହୁଏ । ଉନ୍ନତିର ଅଭିଲିପ୍‌ସା ଓ ନୂତନତ୍ୱର ମାଦକତା ସଙ୍ଗେ ରକ୍ଷଣଶୀଳତା ମନୁଷ୍ୟର ଗୋଟିଏ ବିଶିଷ୍ଟ ପ୍ରବୃତ୍ତି । ଏଣୁ କ୍ରିୟା ପ୍ରତିକ୍ରିୟା ନିୟମାନୁଯାୟୀ, କୋଣସି ଦେଶ ବା ଜାତି ଗୋଟିଏ ବିଶିଷ୍ଟ ଘଟଣା ବା ଉତ୍ତେଜନାର ସଂଘଟନ ପରେ କେତେ କାଳ ଯାଏ ନିଶ୍ଚେଷ୍ଟ ଓ ମୃତପ୍ରାୟ ରହିବାର ସାଧାରଣରେ ଦେଖାଯାଏ । ସେତେବେଳେ ତାହାର ଜୀବନ୍ତ ଶକ୍ତି କ୍ରମଶଃ ଶିଥିଳ ହୋଇଆସେ ; ଆଶା ଓ ଆକାଂକ୍ଷା ମନ୍ଦୀଭୂତ ହୁଏ । ରକ୍ଷଣଶୀଳତା ବଜ୍ରମୁଷ୍ଟିରେ ତାହାର ଗତିରୋଧ କରେ ଏବଂ ତାହାରି ଫଳରେ ନାନାପ୍ରକାର କୁସଂସ୍କାର ଓ କୁପ୍ରଥା ସମାଜରେ ପ୍ରବେଶ କରେ ; କିନ୍ତୁ ଏ ଅବସ୍ଥା ଚିରଦିନ ତିଷ୍ଠିପାରେ ନାହିଁ । କାରଣ, କୁହାଯାଇଅଛି– ଅବନତି, ପତନ ବା ମୃତ୍ୟୁ ସୃଷ୍ଟିର ପରିଣତି ନୁହେଁ । ସୃଷ୍ଟିର ପରିଣତି ପୂର୍ଣ୍ଣ ବିକଶିତ ଜୀବନ ; ଜ୍ଞାନପୂର୍ଣ୍ଣ ସତ୍ୟ–ଅନୁପ୍ରାଣିତ ସୌନ୍ଦର୍ଯ୍ୟଭରା ପ୍ରାଣ । ଏଣୁ ହଠାତ୍ ଅଲକ୍ଷିତ ଭାବରେ କୌଣସି ଗୋଟିଏ ଚିନ୍ତା ବା ଘଟଣାର ଗଭୀର ପ୍ରେରଣାରେ ସମାଜ ବା ଜାତିର ସେହି ଶୁଦ୍ଧ–ଶକ୍ତି ପୁଣି ନବ ତେଜ ନବ ସଞ୍ଜୀବନ ମନ୍ତ୍ରରେ ଉଭାସିତ ହୁଏ ଏବଂ ମୁହୂର୍ତ୍ତକ ମଧ୍ୟରେ ସମସ୍ତ କୁସଂସ୍କାର ନିରାଶା, ଅନ୍ଧକାର ଦୂର ହୁଏ । ପୁଣି ଜାତିର ଜୀବନ–ସ୍ରୋତ ନିରବଚ୍ଛିନ୍ନ ଭାବରେ ବୋହିଯାଏ । ଏଭଳି ବିଶିଷ୍ଟ ଚିନ୍ତା ବା ଘଟଣାକୁ କୁହାଯାଏ ବିପ୍ଳବ ।

**121. "ମନ୍ଦୀଭୂତ" ର ଅର୍ଥ ____**

(1) ମନ୍ଦ କାର୍ଯ୍ୟ କରିବା

(2) ଦୃଢ

(3) କ୍ଷୀଣ ହୋଇଯିବା

(4) ଦୂର ହେବା

122. ଜଗତର ନିୟମ କ'ଣ ?

(1) ଉତ୍ଥାନ ପତନ

(2) ଯୌବନ ସହ ବାର୍ଦ୍ଧକ୍ୟ

(3) ମଣିଷ ରକ୍ଷଣଶୀଳ

(4) କୁସଂସ୍କାର ଓ କୁପ୍ରଥା ସମାଜର ଆଦର୍ଶ

123. ସଙ୍ଗତିର ଭଙ୍ଗ କେଉଁଠାରେ ଦେଖିବାକୁ ମିଳିଥାଏ ?

(1) ମଣିଷର ପ୍ରତିକ୍ରିୟାରେ

(2) ପୂର୍ଣ୍ଣ ବିକଶିତ ଜୀବନରେ

(3) ଇତିହାସ ପୃଷ୍ଠାରେ

(4) ବ୍ୟକ୍ତି ମାନସରେ

124. ଗଦ୍ୟାଂଶଟି କେଉଁ ଶବ୍ଦଦ୍ୱାରା 'ଅତ୍ୟଧିକ ମୋହ' ଅର୍ଥ ପ୍ରକାଶ ପାଇଥାଏ ?

(1) ସଂପୃକ୍ତ

(2) ଜଡ଼ିତ

(3) ଅଭିଲିପ୍ସା

(4) ରକ୍ଷଣଶୀଳତା

125. ରକ୍ଷଣଶୀଳତାକୁ ବିଶେଷଣ ପଦରେ ପ୍ରକାଶ କଲେ ହେବ ____

(1) ରକ୍ଷାକର୍ତ୍ତା

(2) ରକ୍ଷାକାରି

(3) ରକ୍ଷକ

(4) ରକ୍ଷଣଶୀଳ

126. 'ପତନ' ର ବିପରୀତାର୍ଥ ଶବ୍ଦଟି କ'ଣ ?

(1) ଉତ୍ଥାନ

(2) ଚିରନ୍ତନ

(3) ଉନ୍ନୟନ

(4) ନୟନ

127. କ'ଣ ସୃଷ୍ଟିର ପରିଣତି ନୁହେଁ ବୋଲି କୁହାଯାଇଛି ?

(1) ଉତ୍ଥାନ ଓ ପତନ

(2) ଉନ୍ନତି ଓ ଅବନତି

(3) ରକ୍ଷଣଶୀଳ ମନୋଭାବ

(4) ଅବନତି, ପତନ ବା ମୃତ୍ୟୁ

128. ଜାତିର ଜୀବନ–ସ୍ରୋତ ନିରବଚ୍ଛିନ୍ନ ଭାବରେ ବହିଯାଏ କିପରି ?

(1) ମନୁଷ୍ୟ ଜୀବନର ଗତି ସହିତ ତାଳ ଦେଇ

(2) ଗୋଟିଏ ଚିନ୍ତା ବା ଘଟଣାର ଗଭୀର ପ୍ରେରଣାରେ

(3) ପ୍ରବଳ ଉତ୍ତେଜନା ଫଳରେ

(4) କୁପ୍ରଥା ଦ୍ୱାରା ପ୍ରଭାବିତ ନହୋଇ

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ପ୍ରଦାନ କର ।**

ପୂର୍ବରେ ଆମ୍ଭେମାନେ କହିଅଛୁଁ ସ୍ତ୍ରୀ ସୁଶିକ୍ଷିତା ନ ହେଲେ, ସନ୍ତାନ ଓ ସ୍ୱାମୀ ଯେପରି ଦୁଶ୍ଚରିତ୍ର ଓ ଦୁର୍ନୀତିପରାୟଣ ହୁଅନ୍ତି, ତଦ୍ରୂପ ସ୍ୱାମୀମାନେ ଯେବେ ସୁରୁଚିସମ୍ପନ୍ନ ଓ ସୁଶିକ୍ଷିତ ନ ହୁଅନ୍ତି ଏବଂ ପ୍ରକୃତ ଅବସ୍ଥାରେ ସେମାନେ ଶିକ୍ଷିତ–ଏହା ଯେବେ ନିଜ ନିଜ ଜୀବନରେ ପୁତ୍ରକନ୍ୟାମାନଙ୍କୁ ଦେଖାଇ ନ ପାରନ୍ତି, ତେବେ ସେମାନେ ସୁନୀତି ଓ ସୁଶିକ୍ଷାର ଅଭାବରୁ ଦେଶରେ କାହିଁକି ଯେ କୁଶିକ୍ଷାର ବିଷ ଉଦ୍‌ଗାର ନ କରିବେ, ଏଥି ନିମିତ୍ତ ଦୁଃଖ କରିବା ଅନୁଚିତ । ଅତଏବ ଆଜି ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ, ସ୍ତ୍ରୀ ପୁରୁଷ ଉଭୟଙ୍କର ସର୍ବପ୍ରକାର ଶିକ୍ଷା ଓ ଉନ୍ନତିରେ ସମାନ ଅଧିକାର । କାହାରି ଶିକ୍ଷାକୁ ଅବହେଳା କରିବା ଉଚିତ ନୁହେଁ । ସ୍ୱାମୀ ସ୍ତ୍ରୀ ଦୁହେଁ ମିଳିଲେ ପୂର୍ଣ୍ଣାଙ୍ଗ ହୁଏ । ଯଦି କୋଣସି ମନୁଷ୍ୟର ଗୋଟିଏ ହାତ ଆଜାନୁଲମ୍ବିତ ହୁଏ, ଅନ୍ୟଟି ଲମ୍ବରେ ଯେବେ ପାଞ୍ଚ ଇଞ୍ଚ ପରିମାଣ ହୁଏ, ତାହାହେଲେ ସେ ସର୍ବାଙ୍ଗସୁନ୍ଦର ଦେଖାଯିବ କି ? ସ୍ୱାମୀ ଏମ.ବି.ଏ. ପରୀକ୍ଷୋତ୍ତୀର୍ଣ୍ଣ ଊନବିଂଶ ଶତାବ୍ଦୀର ସର୍ବପ୍ରକାର ସଭ୍ୟତା ବିମଣ୍ଡିତ–ସ୍ତ୍ରୀ ନିରକ୍ଷର କୁସଂସ୍କାର–ଆବର୍ଜନାପୂର୍ଣ୍ଣ ; ସ୍ୱାମୀର ମନର ଭାବ ବୁଝିପାରେ ନାହିଁ, କି ସ୍ୱାମୀର ଭାବ ସହିତ ଆପଣାର ଭାବ ବିନିମୟ କରିପାରେ ନାହିଁ ; – ଏପରି ସ୍ଥଳେ ସ୍ୱାମୀ ସ୍ତ୍ରୀ ମିଳି ସୁନ୍ଦର ପୂର୍ଣ୍ଣାଙ୍ଗ ହେଲେ କି ? ଅତଏବ ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ଶିକ୍ଷା, ସମାନ ଅଧିକାର ନ ଦେଲେ କୌଣସି ଦମ୍ପତ୍ତିଙ୍କୁ ପୂର୍ଣ୍ଣାଙ୍ଗ ସୁନ୍ଦର ଦେଖିବାକୁ ପାଇବୁ ନାହିଁ ; କି ଦେଶରେ ସୁଶିକ୍ଷାର ମଧୁମୟ ଫଳ ଆସ୍ୱାଦନ କରିପାରିବୁ ନାହିଁ ।

**129. 'ନିରକ୍ଷର' ଶବ୍ଦର ବିପରୀତାର୍ଥକ ଶବ୍ଦଟି କ'ଣ ?**

(1) ପାଠୁଆ

(2) ସାକ୍ଷର

(3) ମୂର୍ଖ

(4) ପଣ୍ଡିତ

130. କ'ଣ ହେଲେ ଦେଶରେ ସୁଶିକ୍ଷାର ଫଳ ମିଳିଥାଏ ?

(1) ସମସ୍ତେ ଉପଯୁକ୍ତ ଶିକ୍ଷାଲାଭ କଲେ

(2) ସ୍ତ୍ରୀମାନେ ଶିକ୍ଷିତା ହେଲେ

(3) ସ୍ୱାମୀ ଶିକ୍ଷିତ ହୋଇଥିଲେ

(4) ସ୍ତ୍ରୀ ଓ ପୁରୁଷଙ୍କୁ ସମାନ ଶିକ୍ଷା ଓ ସମାନ ଅଧିକାର ମିଳିଲେ

131. 'ସୁଶିକ୍ଷିତା' ଶବ୍ଦରେ ଉପସର୍ଗଟି କ'ଣ ?

(1) ସୁ

(2) ସୁଶି

(3) ସୁତା

(4) କ୍ଷିତା

132. 'ତଦ୍ରୁପ' ଶବ୍ଦର ଅର୍ଥ କ'ଣ ?

(1) ତା ସହିତ

(2) ତା ବଦଳରେ

(3) ସେହିପରି

(4) ସମାନ ପ୍ରସଂଗରେ

133. ଗଦ୍ୟାଂଶଟିର ମୂଳ ବକ୍ତବ୍ୟ କ'ଣ ?

(1) ସ୍ତ୍ରୀମାନେ ସୁଶିକ୍ଷିତା ହେଲେ ସମାଜରେ ଉନ୍ନତି ଘଟିଥାଏ

(2) ସ୍ତ୍ରୀ ପୁରୁଷ ଉଭୟଙ୍କର ଶିକ୍ଷା ଓ ଉନ୍ନତିରେ ସମାନ ଅଧିକାର

(3) ସ୍ତ୍ରୀ ସୁଶିକ୍ଷିତା ହେଲେ ସନ୍ତାନ ସନ୍ତତିଙ୍କର ଉପଯୁକ୍ତ ଧ୍ୟାନ ଦିଆଯାଇପାରେ

(4) ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଏକତ୍ର ହେଲେ ଜୀବନ ପୂର୍ଣ୍ଣାଙ୍ଗ ହୁଏ

134. 'ପରୀକ୍ଷୋତ୍ତୀର୍ଣ୍ଣ' ଶବ୍ଦର ସନ୍ଧି ବିଚ୍ଛେଦ କଲେ ହେବ ______

(1) ପରୀକ୍ଷା + ଉତ୍ତୀର୍ଣ୍ଣ

(2) ପରୀକ୍ଷୋ + ତୀର୍ଣ୍ଣ

(3) ପରୀ + କ୍ଷତୀର୍ଣ୍ଣ

(4) ପରୀ + କ୍ଷ + ତୀର୍ଣ୍ଣ

135. ଆଜାନୁଲମ୍ବିତ କହିଲେ କ'ଣ ବୁଝାଏ ?

(1) ଅଣ୍ଟା ପର୍ଯ୍ୟନ୍ତ

(2) ଆଣ୍ଠୁ ପର୍ଯ୍ୟନ୍ତ

(3) ପାଦ ପର୍ଯ୍ୟନ୍ତ

(4) ବାହୁ ପର୍ଯ୍ୟନ୍ତ

**ନିର୍ଦ୍ଦେଶ :** ଉପଯୁକ୍ତ ଉତ୍ତର ବାଛି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।

**136. ଏକ ପାଠ୍ୟ ଶେଷ ହେବା ପରେ ଶିକ୍ଷକ ତାଙ୍କ ଶିକ୍ଷାର୍ଥୀଙ୍କୁ ପାଠ୍ୟରୁ ବିଭିନ୍ନ ପ୍ରକାରର ବିଶେଷ୍ୟ ବାଛିବାକୁ କହିଲେ । ଯଥା–ସାଧାରଣ ବିଶେଷ୍ୟ, ନାମ ବାଚ୍‌କ ବିଶେଷ୍ୟ ଏବଂ ଗୁଣବାଚ୍‌କ ବିଶେଷ୍ୟ । ଏଗୁଡ଼ିକୁ ବାଛି ବିଭିନ୍ନ ଚିହ୍ନିତ ବାକ୍ୟ ମଧ୍ୟରେ ରଖିବାକୁ କହିଲେ । ଏ ପ୍ରକାରର ଉଦାହରଣକୁ କୁହାଯାଏ _____**

(1) ବ୍ୟାକରଣ ନିୟମ ମନେରଖିବା

(2) ବ୍ୟାକରଣ ଶିକ୍ଷା

(3) ବ୍ୟାକରଣ–ଅନୁବାଦ ପଦ୍ଧତି

(4) ପ୍ରାସଙ୍ଗି ଭିତ୍ତିକ ବ୍ୟାକରଣ

**137. ଏହା ଏକ ଅବଚେ୍‌ତନ ଅବସ୍ଥା ଏବଂ ଶିଶୁମାନେ ଏହାକୁ କଥୋପକଥନରେ ବ୍ୟବହାର କରିଥାନ୍ତି । ଏହାକୁ କୁହାଯାଏ _____**

(1) ଭାଷା ଶିକ୍ଷା

(2) ଭାଷା ଆହରଣ

(3) ଦ୍ୱିତୀୟ ଭାଷା ଶିକ୍ଷା

(4) ଭାଷା ଦକ୍ଷତା

**138. ଜଣେ ଶିକ୍ଷକ ଭାବରେ ଆପଣ ଶିକ୍ଷାର୍ଥୀଙ୍କର ଆଗ୍ରହ କିପରି ବଢାଇବେ ?**

(1) ସେମାନଙ୍କୁ କେବଳ ପାଠ୍ୟପୁସ୍ତକ ପଢିବାକୁ କହି

(2) ପାଠ୍ୟର ସାରାଂଶ ମନେରଖିବାକୁ କହି

(3) ବୟସ ଅନୁସାରେ ଶିଶୁ ସାହିତ୍ୟର ବ୍ୟବହାର କରି

(4) ସେମାନଙ୍କର ମାତୃଭାଷାରେ ପାଠ୍ୟର ଅନୁବାଦ କରିବା ସହିତ ପାଠ୍ୟର ପ୍ରଶ୍ନର ଉତ୍ତର ଜାଣିବାକୁ କହି

**139. ଶିକ୍ଷାର୍ଥୀଙ୍କର ଭାଷାଶିକ୍ଷାର ସ୍ତର ମୂଲ୍ୟାୟନରେ ଏଥିମଧ୍ୟରୁ କେଉଁଟି ଉପଯୋଗୀ ?**

(1) ଶିକ୍ଷାର୍ଥୀଙ୍କୁ ଇଙ୍ଗିତଦ୍ୱାରା ଏକ କବିତା ମନେରଖି ଆବୃତ୍ତି କରିବାକୁ କହିବା

(2) ପାଠ୍ୟକୁ ସେମାନଙ୍କ ଭାଷାରେ ଅନୁବାଦ କରିବା

(3) ଶିକ୍ଷାର୍ଥୀଙ୍କୁ ସେମାନଙ୍କର ବିଚାର ବ୍ୟକ୍ତ କରିବାର ସ୍ୱାଧୀନତା ଦେବା ଏବଂ ନିଜସ୍ୱ କଳ୍ପନା ବ୍ୟକ୍ତ କରିବାକୁ କହିବା

(4) କବିତାର କାବ୍ୟିକ ଉପାଦାନ ଚିହ୍ନାଇବାକୁ ଶିକ୍ଷାର୍ଥୀଙ୍କୁ କହିବା

**140. ବିଷୟବସ୍ତୁର ଜ୍ଞାନ ଓ ଅବସ୍ଥା ଆଧାରରେ ଶିକ୍ଷାର୍ଥୀ ଏକ ଅନୁଚ୍ଛେଦର ଅର୍ଥ ନିର୍ଦ୍ଧାରଣ କରିବା ସଂଗେ ସଂଗେ ସେଥିରେ ଥିବା ବାକ୍ୟ, ଖଣ୍ଡବାକ୍ୟ ଓ ଶବ୍ଦ ସଂପର୍କରେ ଜ୍ଞାନ ଆହରଣ କରିଥାନ୍ତି । ଅନୁଚ୍ଛେଦର ଏ ପ୍ରକାରର ଅନୁଶୀଳନକୁ କୁହାଯାଏ _____**

(1) ନିମ୍ନ–ଉର୍ଦ୍ଧ୍ୱ ଉପକୌଶଳ

(2) ଉର୍ଦ୍ଧ୍ୱ–ନିମ୍ନ ଉପକୌଶଳ

(3) ସାମଗ୍ରିକ ଭାଷା ପଦ୍ଧତି

(4) ସଂହତ ପଦ୍ଧତି

**141. ଶିକ୍ଷାର୍ଥୀଙ୍କର ଭାଷା ବିକାଶରେ ଫିଡ୍‌ବ୍ୟାକ୍ ଦେବାକୁ ହେଲେ ଏଥି ମଧ୍ୟରୁ କେଉଁଟି ଅଧିକ ଉପଯୋଗୀ ହେବ ?**

(1) ଶିକ୍ଷକ ଶିକ୍ଷାର୍ଥୀଙ୍କର ତ୍ରୁଟିକୁ ସଂଗେ ସଂଗେ ସଂଶୋଧନ କରିଦେବା ଦରକାର ।

(2) ଶିକ୍ଷକ କେବଳ ଭାଷା ବ୍ୟବହାରରେ ଦୁର୍ବଳ ଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶ ଦେବା ଦରକାର ।

(3) ଶିକ୍ଷକ ପ୍ରଥମେ ତ୍ରୁଟି ଅଧ୍ୟୟନ କରି ତା'ର ସଂଶୋଧନ ନିମନ୍ତେ ପଥ ନିର୍ଦ୍ଧାରଣ କରିବେ । ସେତେବେଳେ ମାତୃଭାଷାର ପ୍ରଭାବରୁ ଦେଖା ଦେଉଥିବା ତ୍ରୁଟିକୁ ଧ୍ୟାନ ଦେବେ ନାହିଁ ।

(4) ଶିକ୍ଷାର୍ଥୀଙ୍କ ତ୍ରୁଟି ଶ୍ରେଣୀ କକ୍ଷରେ ପ୍ରକାଶ କରିଦେଲେ ଶିକ୍ଷାର୍ଥୀ ଅପମାନିତ ହେବେ, — ଏହା ଚିନ୍ତାକରି ଶିକ୍ଷକ ତ୍ରୁଟି ଗୁଡ଼ିକୁ ଉପେକ୍ଷା କରିବେ ।

**142. ପାଠ୍ୟପୁସ୍ତକ ବାହାରକୁ ଯିବା ଅର୍ଥ ହେଲା _____**

(1) ପାଠ୍ୟପୁସ୍ତକ ସ୍ତରଠାରୁ ଅଧିକ ସ୍ତରର ଶିକ୍ଷାଦାନ

(2) ପାଠ୍ୟପୁସ୍ତକ ବ୍ୟତିରେକ ଅଧିକ ସହାୟକ ସାମଗ୍ରୀ ଯୋଗାଇବା

(3) ପାଠ୍ୟପୁସ୍ତକ ଶେଷକରିବାର ଆବଶ୍ୟକତା ନାହିଁ

(4) ଶିକ୍ଷାର୍ଥୀଙ୍କ ବୋଧଗମ୍ୟତାର ସ୍ତରଠାରୁ ପାଠ୍ୟପୁସ୍ତକର କଠିନତା ଅଧିକ ହେବା

**143. ଭାଷାର ଏକ ପାଠ୍ୟାଂଶ ପଢ଼ାଇବା ବେଳେ ଶିକ୍ଷକ ବିଜ୍ଞାନ ଓ ସମାଜ ବିଜ୍ଞାନର ପାଠ୍ୟ ବ୍ୟବହାର କରି ପାଠ୍ୟାଂଶର ବିଷୟବସ୍ତୁ ପାଠ କରିବାକୁ କହିବା ଭଳି ପଦ୍ଧତିକୁ କ'ଣ କୁହାଯାଏ ?**

(1) ଆର୍ନ୍ତବିଷୟକ

(2) ପାଠ୍ୟଖସଡ଼ା ବର୍ହିଭୂତ ଭାଷା

(3) ବହୁଭାଷିକ ଭାଷାଶିକ୍ଷା

(4) ବିଷୟବସ୍ତୁ ଆଧାରିତ ଭାଷା ଶିକ୍ଷା

**144. ଶିକ୍ଷାର୍ଥୀଙ୍କର କଥନ କୌଶଳ କିପରି ବୃଦ୍ଧି କରାଯାଇପାରିବ ?**

(1) କଠିନ ପାଠ୍ୟ ପଠନ କରି

(2) ଶିକ୍ଷକଙ୍କଠାରୁ ଉଚ୍ଚାରଣର ନମୂନା ଶ୍ରବଣ କରି

(3) ବାସ୍ତବ ଜୀବନର ଘଟଣା ସହିତ ଯୋଡ଼ି କହିବା ଦ୍ୱାରା

(4) କଥନ ସମୟରେ ତ୍ରୁଟି ପ୍ରତି ଧ୍ୟାନ ନ ଦେବା ଦ୍ୱାରା

**145. ବ୍ୟାକରଣ ଶିକ୍ଷାଦ୍ୱାରା ଶିକ୍ଷାର୍ଥୀଙ୍କର କ'ଣ ଲାଭ ହୋଇଥାଏ ?**

(1) ସାକ୍ଷରତା

(2) ସଠିକତା

(3) ଅନର୍ଗଳତା

(4) ଶବ୍ଦଜ୍ଞାନ

146. ଶିକ୍ଷକ ଶିକ୍ଷାର୍ଥୀଙ୍କୁ ବର୍ଷାଦିନରେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବାକୁ କହିଲେ । ଏ ପ୍ରକାରର କାର୍ଯ୍ୟକୁ କୁହାଯାଏ ______

(1) ଶିକ୍ଷାର୍ଥୀ ବର୍ଣ୍ଣନା କଲାବେଳେ ଶ୍ରେଣୀ କକ୍ଷକୁ କୋଳାହଳ ପୂର୍ଣ୍ଣ କରିବା

(2) ସେମାନଙ୍କ ବିଚାରକୁ ମୁଖରେ ପ୍ରକାଶ କରିବା

(3) ଶ୍ରେଣୀକକ୍ଷରେ ବିଶୃଙ୍ଖଳା ସୃଷ୍ଟି କରିବା

(4) ପାଠ୍ୟପୁସ୍ତକ ପଠନରୁ ଶିକ୍ଷାର୍ଥୀଙ୍କୁ ନିବୃତ୍ତ ରଖିବା

147. "ପ୍ରୋସେସ୍ ଆପ୍ରୋଚ୍" **(Process approach)** ଅନୁଯାୟୀ ଲିଖନ ପ୍ରକ୍ରିୟାରେ ଏଥିମଧ୍ୟରୁ କେଉଁଟି ଅଧିକ ଉପଯୋଗୀ ?

**a.** ସଂପାଦନା **(Editing)**

**b.** ବୁଦ୍ଧି ମନ୍ଥନ **(Brainstorming)**

**c.** ପରିମାର୍ଜନ **(Revision)**

**d.** ନୋଟ୍ ପ୍ରସ୍ତୁତି **(Drafting)**

(1) a, b, c, d

(2) b, c, a, d

(3) a, d, c, b

(4) b, d, c, a

148. ଜଣେ ଭାଷା ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସେମାନଙ୍କର ସବୁଠାରୁ ଭଲ ପାଞ୍ଚଟି ସାମଗ୍ରୀ ବାଛି ପୋଟ୍‌ଫୋଲିଓ ପ୍ରସ୍ତୁତ କରି ଅନ୍ୟ ସମସ୍ତ ସାମଗ୍ରୀକୁ ବାହାର କରି ରଖିବାକୁ କହିଲେ । ପରେ ସେ ସମସ୍ତ ସାମଗ୍ରୀ ଉପରେ ଶିକ୍ଷାର୍ଥୀଙ୍କୁ ମନ୍ତବ୍ୟ ଦେବାକୁ କହିଲେ । ଏ ପ୍ରକାର କାର୍ଯ୍ୟ କେଉଁଥିପାଇଁ ପ୍ରଯୁଜ୍ୟ ?

(1) ପାରସ୍ପରିକ ମୂଲ୍ୟାୟନ

(2) ସ୍ୱ ମୂଲ୍ୟାୟନ

(3) ଶିକ୍ଷକଙ୍କଦ୍ୱାରା ମୂଲ୍ୟାୟନ

(4) ସଂକ୍ଷିପ୍ତ ବିବରଣାତ୍ମକ ମୂଲ୍ୟାୟନ

149. ଭାଷାଶିକ୍ଷାର ପ୍ରାଥମିକ ସ୍ତରରେ ଏଥିମଧ୍ୟରୁ କେଉଁ ସାମଗ୍ରୀ ଅଧିକ ଉପଯୋଗୀ ?

(1) ଶିଶୁ ସାହିତ୍ୟ

(2) ସମ୍ବାଦ ପତ୍ର

(3) କମ୍ପ୍ୟୁଟର

(4) ବାସ୍ତବିକ ସାମଗ୍ରୀ

150. ଶିକ୍ଷାର୍ଥୀଙ୍କର କଥନ କୌଶଳ ବୃଦ୍ଧିରେ ଏଥିମଧ୍ୟରୁ କେଉଁଟି ସହାୟକ ନୁହେଁ ?

(1) ବସ୍ତୁର ବର୍ଣ୍ଣନା

(2) ସେମାନଙ୍କ ଭାଷାରେ ଗଳ୍ପ କଥନ

(3) ଶିକ୍ଷକଙ୍କ ସହିତ ମିଶି ଗଳ୍ପର ପୁନରାବୃତ୍ତି

(4) ଘଟଣାର ବର୍ଣ୍ଣନା

SPACE FOR ROUGH WORK

**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍‌ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/ room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/ rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/ Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***